# Akashvani, Sambalpur

## SAMBALPURI NEWS EVENING BULLETIN

### 18 December 2025- 7.02 pm- 7.12 pm.

*********************************************

୧- ବିକଶିତ ଭାରତ ଜି ରାମ ଜି ବିଲ୍-୨୦୨୫ ଲୋକ ସଭା ନ ହେଲା ପାରିତ୍ ।

୨- ଭୁବନେଶ୍ୱର ନ ବସ୍‌ଲା ବିଜେପି ବିଧାୟକ୍ ଦଲର୍ ବୈଠକ୍ ।

-ବିଧାୟକ୍‌ମାନଖକର୍ ବର୍ଦ୍ଧିତ୍ ଦରମାକେ ନେଇକରି ହେଲା ଆଲୋଚନା ।

୩- ରାଜ୍ୟର୍ ୧ ଲାଖ୍ ୫୫ ହଜାରନୁ ଅଏତ୍‌କା ଏସ୍‌ଏଚ୍‌ଜିକେ ଫିଂରାହେଲା ୯୦ କୋଟିନୁ ଅଏତ୍‌କା ଟଙ୍କାର୍ ସୁଧ ।

ଆଉର୍

୪- ଭୁବ୍‌ନେଶ୍ୱର୍ ନ ମୁଲ୍‌ହେଲା ରାଜ୍ୟସ୍ତରୀୟ ସର୍ଗିଫୁଲ୍ ମହୋତ୍ସବ-୨୦୨୫ ।

ବିଭି ଜି ରାମ ଜି ବିଲ୍-ଲୋକ ସଭା ଏନ୍‌ଏସ୍‌ଡି

ବିକଶିତ ଭାରତ ନିଶ୍ଚିତ ରୋଜଗାର ଆଉ ଆଜୀବିକା ମିଶନ୍ ଗ୍ରାମୀଣ- ବିଭି ଜି ରାମ ଜି ବିଲ୍-୨୦୨୫ ଆଏଜ୍ ଲୋକ ସଭା ନ ପାରିତ୍ ହେଇଯାଇଛେ । ତାର୍ ଉତ୍‌ରୁ ଇ ବିଲ୍ ରାଜ୍ୟ ସଭାନ ଆଗତ୍ କରାଯାଇକରି ଆଲୋଚନା ଚାଲିଛେ ।

ଲୋକ ସଭାନ ଆଏଜ୍ ସଖାଲବେଲା ବିଲ୍‌କେ ନେଇକରି ଗୃହ ନ ହେଇଥିବା ଆଲୋଚନାଥି ଉତର ରଖିକରି କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ କହିଛନ୍, ସାର୍ବସଜୀନ ବିକାଶ ଲାଗି ଗୁଟେ ଏକୀକୃତ ଜାତୀୟ ଢାଂଚା ଗଠନ୍ କର୍‌ବାର ଲାଗି ବିଲ୍‌ଥି ପ୍ରସ୍ତାବ୍ ରହିଛେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱଥି ମନରେଗା ଯୋଜନାକେ ଠିକ୍ ଭାବେ ଆଉ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କର୍‌ବାର୍ ଲକ୍ଷ୍ୟ ନେଇକରି ଇ ବିଲ୍‌ଥି ବହୁତ୍ ବ୍ୟବସ୍ଥା କରାଯାଇଛେ । ବିଲ୍‌ଥି ଗ୍ରାମୀଣ ପରିବାରକେ ଶହେ ୨୫ ଦିନ ମଜୁରୀ ଆଧାରିତ୍ ନିଯୁକ୍ତି ସୁନିଶ୍ଚିତ୍ କରାଯିବା । ସଶକ୍ତୀକରଣ, ବିକାଶ, ସମନ୍ୱୟ ଆଉ ସମ୍ପୂର୍ଣ୍ଣତା ଦିଗ୍‌ଗେ ଖାସ୍ ଧ୍ୟାନ୍ ଦିଆଯାଇଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍.....

(ଭଏସ୍--- ଶିବରାଜ ସିଂହ ଚୌହାନ୍)

ମନ୍ତ୍ରୀ ଶ୍ରୀ ଚୌହାନ୍‌ଙ୍କର ଉତର୍ ଉତ୍‌ରୁ ଗୃହ ନ ବିଲ୍ ଅନୁମୋଦିତ୍ ହେଇଛେ ।

ବିଜେପି ବିଧାୟକ ଦଲ୍ ବୈଠକ୍         ଭୁବନେଶ୍ୱର

ସମ୍ବାଦଦାତା

ଭୁବନେଶ୍ୱର ବିଜେପି ରାଜ୍ୟ କାର୍ଯ୍ୟାଲୟ ନ ଆଏଜ୍ ବିଜେପିର୍ ବିଧାୟକ୍ ଦଲର ବୈଠକ୍ ହେଇଯାଇଛେ । ବୈଠକ୍ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କର ସହେତେ ବିଧାୟକ୍ମାନେ ଯୋଗ୍ ଦେଇଥିଲେ । ବୈଠକ୍ଥି ଦଲର୍ ସାଙ୍ଗଠାନିକ୍ ସ୍ଥିତି ଆଉ ରଣନୀତି ବାବ୍ଦେ ଆଲୋଚନା କରାଯାଇଥିଲା । ଇ ଅବ୍ସରେ ବିଧାୟକ୍ମାନ୍କର ଦରମା ବଢ଼ାବାର୍ ବାବଦ୍ ପ୍ରସ୍ତାବ୍ ଉପ୍ରେ ଫେର୍ଘାଏ ବିଚାର୍ କର୍ବାର୍ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ୍ କରାଯାଇଥିଲା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ ।

ଏସ୍ଏଚ୍ଜି ସୁଧ ଫେରସ୍ତ         I&PR

ଭୁବନେଶ୍ୱର ମିଶନ୍ ଶକ୍ତି ଭବନ୍ ନ ଆଏଜ୍ ରଣ ଫେରସ୍ତ କାର୍ଯ୍ୟକ୍ରମ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କାର୍ଯ୍ୟକ୍ରମ୍ଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟର୍ ୧ ଲାଖ୍ ୫୫ ହଜାରନୁ ଅଏତ୍କା ସ୍ୱୟଂ ସହାୟକ ଗୋଷ୍ଠୀକେ ୯୦ କୋଟି ୨୦ ଲଖ୍ନୁ ଅଏତ୍କା ଟଙ୍କାର୍

ବେଙ୍କ ଋଣ ସୁଧ ଫିରେଇଛନ୍ । ଏସ୍‌ଏଚ୍‌ଜିମାନ୍‌କର ବେଙ୍କ୍ ଏକାଉଂଟ୍‌କେ ସିଧାସଲଖ୍ ଇ ସୁଧ ଟଙ୍କା ପଠାଯାଇଛେ । ଏସ୍‌ଏସ୍‌ଜିମାନ୍‌କୁ ଋଣର୍ ସୁଧ ଫିରାବାର୍‌ଟା ସରକାରଙ୍କ ପ୍ରତିବଦ୍ଧତା ଆଉ ସଦସ୍ୟମାନ୍‌କର ଅଥନୈତିକ୍ ଭାଗିଦାରିକେ ଆହୁରି ବର୍‌କସ୍ କର୍‌ବା ବଲି ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ । ସୂଚ୍‌ନା ଅନ୍‌ସାରେ ୨୦୨୫-୨୬ ଆର୍ଥିକ୍ ବଛ୍‌ରେ ଏବ୍‌ତକ୍ ସରକାରଙ୍କର ତର୍‌ଫୁ ଏସ୍‌ଏସ୍‌ଜିମାନ୍‌କୁ ୩ ଶହ ୧୮କୋଟିନୁ ଅଏତ୍‌କା ସୁଧ ଟଙ୍କା ଫିରାଯାଇଛେ ।

ଆମ୍ବୁଲାନ୍ସ କରିଡର ହି.ସ.

ଭୁବନେଶ୍ୱର ନ ଜରୁରୀକାଲୀନ ଚିକିତ୍ସା ସେବାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଖଣ୍ଡଗିରି ନୁ ଏମ୍ସ ଡାକ୍ତରଖାନା ତକ୍ ଗୁଟେ ଖାସ୍ ଆମ୍ବୁଲେନ୍ସ କରିଡର୍ ତିଆର୍ ଲାଗି ସରକାର ନିଷ୍ପତି ନେଇଛନ୍ । ଇ ବାବଦ୍ ପ୍ରସ୍ତାବ୍‌କେ ପୂର୍ତ୍ତ ବିଭାଗର ସମୀକ୍ଷା ବୈଠକ୍‌ଥି ଅନୁମୋଦନ୍ ମିଲିଛେ ବଲି ପୂର୍ତ୍ତ ଆଉ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ । ଜାତୀୟ ରାଜପଥ ପ୍ରାଧିକରଣ ତର୍‌ଫୁ ଖଣ୍ଡଗିରି ନୁ କଳିଙ୍ଗନଗର ତକ୍ ୩ ଥାକିଆ ସର୍ଭିସ୍ ରୋଡ୍ ତିଆର୍ କରାଯିବା, ଯେନ୍‌ଥି ଗୁଟେ ଲେନ୍ ଖାସ୍ କରି ଆମ୍ବୁଲାନ୍ସ ଲାଗି ସଂରକ୍ଷିତ୍ ରହେବା । ଆପାତକାଲୀନ ପରିସ୍ଥିତିଥି ଇ

ରାସ୍ତା ଦେଇକରି ଆମ୍ବୁଲେନ୍ସ ମାନେ ବିନା ବାଧାଥି ଡାକ୍ତରଖାନା ପୁହୁଁଚିପାର୍‌ବା । ପ୍ରସ୍ତାବ୍‌କେ ଏମ୍ସ ନିର୍ଦ୍ଦେଶକଙ୍କର ଔପଚାରିକ୍ ମଞ୍ଜୁରୀ ମିଲିସାରିଥିବାର୍ ଜନାପଡ଼ିଛେ ।

ନୂଆ ବଛର୍ ଟ୍ରେନ୍ ଯାତ୍ରା ପିଆଇବି

ବଡ଼ ଦିନ ଆଉ ନୂଆବଛର୍ ବେଲ୍‌କେ ସମ୍ଭାବ୍ୟ ଭିଡ଼୍‌କେ ନଜର୍‌ଥି ରଖିକରି ଭାରତୀୟ ରେଲ୍‌ବାଇ ତର୍‌ଫୁ ଖାସ୍ ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛେ । ଇ ସମିଆଥି ଯାତ୍ରୀମାନ୍‌କର ସୁବିଧାଥି ଯା'ଆସ୍ ଲାଗି ୮ଟା ଜୋନ୍ ନ ଭିନ୍ ଭିନ୍ ଟ୍ରେନ୍‌ର ୨ ଶହ ୪୪ଟା ସ୍ୱତନ୍ତ୍ର ଯାତ୍ରା ଯୋଜ୍‌ନା କରାଯାଇଛେ । ଖୋବ୍ ଜଲ୍‌ଦି ଆହୁରି ଟ୍ରେନ୍ ଯାତ୍ରା ଯୋଜ୍‌ନା କରାଯିବା ବଲି ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଆର୍‌ଏସ୍ ଗ୍ରେଡେସନ୍-ହାଇକୋର୍ଟ ଏକ୍ସ

ଓଡ଼ିଶା ରାଜସ୍ୱ ସେବା-ଓଆର୍‌ଏସ୍ ଗ୍ରେଡେସନ୍ ତାଲିକା ଉପ୍‌ରେ ଓଡ଼ିଶା ଉଚ୍ଚ ନ୍ୟାୟାଲୟ ଆଏଜ୍ ରୋକ୍ ଲଗେଇଛନ୍ । ଇ ବାବ୍‌ଦେ ଉଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କୁ ଜବାବ୍

ତଲବ୍ କରିଛନ୍ । ୩ ହପ୍ତା ଭିତ୍‌ରେ ଜବାବ୍ ଦାଖଲ୍ କର୍‌ବାର୍‌କେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ ।

## ରାଜ୍ୟସ୍ତରୀୟ ସର୍ଗିଫୁଲ୍ ମହୋତ୍ସବ I&PR

ଭୁବ୍‌ନେଶ୍ୱର୍ ଆଦିବାସୀ ପଡ଼ିଆ ନ ରାଜ୍ୟସ୍ତରୀୟ ସର୍ଗିଫୁଲ୍ ମହୋତ୍ସବ-୨୦୨୫ ଆଏଜ୍ ଉଦ୍‌ଘାଟିତ୍ ହେଇଯାଇଛେ । ୩ ଦିନିଆ ମହୋତ୍ସବ୍‌କେ ବିଦ୍ୟାଳୟ, ଗଣଶିକ୍ଷା, ସଂଖ୍ୟାଲଘୁ ଆଉ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ୍ କରିଛନ୍ । ସର୍‌ଗିଫୁଲ ମହୋତ୍ସବ ଅନୁସୂଚିତ ଜାତି ଆଉ ଜନଜାତିର୍ ଛାତ୍ରଛାତ୍ରୀମାନ୍‌କର ପ୍ରତିଭାକେ ସାମ୍ନାକେ ଆନ୍‌ବାର୍ ସହେତେ ସେମାନ୍‌କର ଦକ୍ଷତା ବିକାଶ କର୍‌ବାର୍ ଦିଗେ ସାହାଜ୍ କର୍‌ସି ବଲି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ । ୨୦୨୫ ମାଟ୍ରିକ୍ ପରୀକ୍ଷାର୍ ୧୦ ଝନ୍ କୃତୀ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ଶ୍ରୀ ଗଣ୍ଡ ସମ୍ମାନୀତ୍ କରିଛନ୍ ।

ମହୋତ୍ସବ୍‌ଥି ସାରା ରାଏଜୁ ୧ ହଜାର ୧ ଶହ ୬୦ ଝନ୍ ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ବିଜ୍ଞାନ ମେଳାର୍ ଆୟୋଜନ୍ କରାଯାଇଛେ । ଇତାର୍ ସହେତେ ଛାତ୍ରଛାତ୍ରୀମାନ୍‌କର ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା ଆୟୋଜନ୍ କରାଯିବା ।

ଆପାର୍ଟମେଂଟ ପଞ୍ଜିକରଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସରକାର ଆପାର୍ଟମେଂଟ କମନ୍ ଏରିଆ ରେଜିଷ୍ଟ୍ରେସନ୍ ଲାଗି ୨୦ ହଜାର ଟଙ୍କା ଦର୍ ଧାରିଜ୍ କରିଛନ୍ । ଧାରିଜ୍ ପଞ୍ଜିକରଣ ଫି ଦେଲା ଉତ୍‌ରୁ ସୋସାଇଟି ହାତ୍‌କେ ଜମି ମାଲିକାନା ଆସ୍‌ବା ଆଉ ଆପାର୍ଟମେଂଟ ପଞ୍ଜିକରଣ ହେଇପାର୍‌ବା । ଇ ବାବ୍‌ଦେ ଗଲାକାଏଲ୍ ରାଜସ୍ୱ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବାସଗୃହ କ୍ରେତା ସଂଘ ନାଁଥି ଇ ପଞ୍ଜିକରଣ କରାଯିବା । ଇତାକେ ନେଇକରି ନଗର ଉନ୍ନୟନ ବିଭାଗ ତର୍‌ଫୁ ସବୁ ଅଂଶୀଦାର୍‌ମାନ୍‌କୁ ନେଇକରି ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜସ୍ୱ ବିଭାଗ୍ ତର୍‌ଫୁ ପଞ୍ଜିକରଣ ନିୟମ୍‌କେ ସଂଶୋଧନ୍ କରାଯାଇଛେ ବଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍....
(ଭଏସ୍- କୃଷ୍ଣଚନ୍ଦ୍ର ମହାପାତ୍ର)

ପରୀକ୍ଷା ପେ ଚର୍ଚ୍ଚା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଜାନୁୟାରୀ ମାସେ ହେବାର୍‌କେ ଥିବା ପ୍ରଧାନମନ୍ତ୍ରୀଙ୍କର ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର ସଂସ୍କରଣ ଲାଗି ପଞ୍ଜିକରଣ ଆଏବା ମାସର୍ ୧୧ ତାରିଖ୍ ତକ୍ ଚାଲ୍‌ବା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରୀକ୍ଷାପେ ଚର୍ଚ୍ଚା-

୨୦୨୬ କାର୍ଯ୍ୟକ୍ରମ୍‌ଥି ବହୁସଂଖ୍ୟାଥି ପଞ୍ଜିକରଣ କର୍‌ବାର୍ ଲାଗି ଅନୁରୋଧ କରିଛନ୍ ।

ମାଓବାଦୀ ଆତ୍ମସମର୍ପଣ ଝାରସୁଗୁଡ଼ା ସମ୍ବାଦଦାତା

ରାଉରକେଲା ପୁଲିସ ପାଖେ ଆଏଜ୍ ୫ନେ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ । କେନ୍ଦ୍ର ଆଉ ରାଜ୍ୟ ସରକାରଙ୍କ ନୀତିଥି ଅନୁପ୍ରାଣିତ୍ ହେଇକରି ହିଂସା ଛାଡ଼୍‌ବାର୍ ସହେତେ ସେ ଆତ୍ମସମର୍ପଣ କରିଥିବା ଜନାପଡ଼ିଛେ । ମାଓବାଦୀ ୫ନ୍‌କ ଓଡ଼ିଶା-ଝାରଖଣ୍ଡ ସିମ୍‌ନା ଇଲାକାନ ବହୁତ୍‌ଟେ ମାଓ ଅପରାଧ୍‌ଥି ସାମିଲ୍ ଥିଲେ । ଆତ୍ମ ସପର୍ମଣ ଉତ୍‌ରୁ ଇଛେନ୍‌କା ରାଜ୍ୟ ସରକାରଙ୍କର୍ ତର୍‌ଫୁ ଥିବା ଭିନ୍ ଭିନ୍ ସାହାଜ୍ ତାହାକୁ ଯୁଗେଇ ଦିଆଯିବା ବଲି ପର୍ଶ୍ଚିମାଂଚଳ ଡିଆଇଜି ବ୍ରିଜେଶ୍ ରାୟ କହିଛନ୍ ।

ଏନ୍‌ଆଇଟି ରାଉରେକଲା ସମ୍ମିଳନୀ ଝାରସୁଗୁଡ଼ା ସମ୍ବାଦଦାତା

ଏନ୍‌ଆଇଟି ରାଉରକେଲା ନ ଆଏଜ୍ ହାଇଡ୍ରୋଲିକ୍, ଜଲ୍‌ସମ୍ପଦ, ନଦୀ ଆଉ ଉପକୁଳ ଇଞ୍ଜିନିୟରିଂ ବାବ୍‌ଦେ ଅନ୍ତର୍ଜାତୀୟ ସମ୍ମିଳନୀ ହାଇଡ୍ରୋ ଇରଟରନେସ୍‌ନାଲ୍-୨୦୨୫

ଉଦ୍‌ଘାଟିତ୍ ହେଇଯାଇଛେ । ସମ୍ମିଳନୀଥି ଜଲ୍ ସମ୍ପଦ୍ ସଙ୍ଗେ ଜଡ଼ିତ୍ ଭିନ୍ ଭିନ୍ ବିଷୟ ଉପ୍‌ରେ ଅତ୍ୟାଧୁନିକ୍ ଗବେଷଣା ଆଉ ବ୍ୟବହାରିକ୍ ଦୃଷ୍ଟିକୋଣ ବାବ୍‌ଦେ ଆଲୋଚନା ଆଉ ପ୍ରଚାର୍ ପ୍ରସାର୍ ଲାଗି ୫ ଶହନୁ ଅଏତ୍‌କା ଜାତୀୟ, ଅନ୍ତର୍ଜାତୀୟ ବିଶେଷଜ୍ଞ ଆଉ ଅଂଶୀଦାର୍ ଭାଗ୍ ନେଇଛନ୍ । ସମ୍ମିଳନୀ ଆଏବା ୨୦ ତାରିଖ୍‌ତକ୍ ଚାଲ୍‌ବା ।

ନିଯୁକ୍ତି ମେଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଟାଉନ୍ ହଲ୍ ନ ଆଏଜ୍ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ହେଇଯାଇଛେ । କାର୍ଯ୍ୟକ୍ରମଥି ଜିଲ୍ଲାପାଲ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ମେଳାଥି ଜିଲ୍ଲାର ଭିନ୍ ଭିନ୍ ଇଲାକାନୁ ୫ ଶହ ୫୪ ଝନ୍ ଚାକ୍‌ରି ଆଶାୟୀ ପ୍ରାର୍ଥୀମାନେ ଯୋଗ୍ ଦେଇଥିଲେ । ୨୮ଟା କ୍ଷେତ୍ରର୍ ନିଯୁକ୍ତିଦାତାମାନେ ସାମିଲ୍ ହେଇଥିଲେ । ମାହାଲିଆ କୌଶଲ୍ ତାଲିମ୍ ଦଉଥିବା ୧୦ଟା ସରକାରୀ କମ୍ପାନି ଯୋଗ୍ ଦେଇଥିଲେ । ଭାରତୀୟ ବାୟୁସେନାର୍ ଗୁଟେ ଷ୍ଟଲ୍ ଭିଲ୍ ସାମିଲ୍ ଥି ଲା ।

ଧନୁଯାତ୍ରା ଉଦ୍‌ଯାପିତ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସହରର୍ ଭୈରବୀ ପଡ଼ିଆନ ୮ ଦିନ୍ ହେଲା ଚାଲିଥିବା ଧନୁଯାତ୍ରା ମହୋତ୍ସବ୍ ଉଦ୍‌ଯାପିତ୍ ହେଇଯାଇଛେ । ଶେଷ୍‌ଦିନେ ଅକ୍ରୁର, କୃଷ୍ଣ, ବଳରାମଙ୍କୁ ରଥଥି ବସେଇକରି ନଗର ପରିକ୍ରମା କରିଥିଲେ । ସଞ୍ଝବେଲେ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

'ଗାଁରେ ରାଜସ୍ୱ ପ୍ରଶାସନ' ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କଟଙ୍ଗପାଣି ଗାଁ ନ ଜିଲ୍ଲାପାଳ ମଧୁସୂଦନ୍ ଦାସଙ୍କର ଅଧ୍ୟକ୍ଷତାଥି 'ଗାଁରେ ରାଜସ୍ୱ ପ୍ରଶାସନ' କାର୍ଯ୍ୟକ୍ରମ ହେଇଯାଇଛେ । ଲୁକ୍‌କର ଘର୍ ପାଖ୍‌କେ ଶାସନ୍ ବ୍ୟବସ୍ଥା ପୁହୁଁଚାବାର୍ ସହେତେ ସେମାନଙ୍କର ଭିନ୍ ଭିନ୍ ଅଭିଯୋଗ୍‌ର ତୁର୍‌ତି ସମାଧାନ ଲକ୍ଷ୍ୟଥି ଇ ଅଭିଯାନ୍ ମୁଲ୍ ହେଇଛେ ।

ସଡ଼କ ଦୁର୍ଘଟଣା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମନା ଥାନା ହରିପୁର ଗାଁ ନ ଗୁଟେ ସଡ଼କ ଦୁର୍ଘଟଣାଥି ୩ ଝନ୍‌ଙ୍କର ଜୀବନ୍ ଯାଇଥିବାର୍ ବେଲେ ଆଉ ୩ ଝନ୍ ଜବରଜଖମ୍ ହେଇଛନ୍ । ୩ ଶହ ୫୩ ନମ୍ବର ଜାତୀୟ ରାଜପଥଥି ଯାଉଥିବାବେଲେ ଗୁଟେ କାର୍ ଗଛେ

ପିଟି ହେବାର୍‌ନୁ ଦୁର୍ଘଟନା ଘଟିଥିବାର୍ ଜନାପଡ଼ିଛେ । ଘଟ୍‌ନା ଖବର ପାଇକରି ପୁଲିସ ଦଲ୍ ପୁହୁଁଚିକରି ତଦନ୍ତ ଜାରି ରଖିଛେ ।

ବାର୍ଷିକ କ୍ରୀଡ଼ା କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା କେନ୍ଦ୍ରୀୟ ବିଦ୍ୟାଳୟ ନ ବାର୍ଷିକ କ୍ରୀଡ଼ା ଦିବସ୍ ପାଳିତ ହେଇଯାଇଛେ । ବିଦ୍ୟାଳୟ ଅଧ୍ୟକ୍ଷ ଭୀମସେନ ପଣ୍ଡାଙ୍କର ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମଥି ଆଘର କ୍ରିକେଟ୍ ଖେଳାଳି ଭାରତ ଭୂଷଣ ଦେଓ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍‌ଙ୍କୁ ଶାରୀରିକ ସୁସ୍ଥତା ଆଉ ଶୃଙ୍ଖଳା ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ କ୍ରୀଡ଼ା ପ୍ରତିଯୋଗିତାର୍ ବିଜେତାମାନ୍‌ଙ୍କୁ ପୁରସ୍କୃତ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୬ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍ ଆଉ କଳାହାଣ୍ଡି ନ ବହଲିଆ

କୁହୁଡ଼ି ହେବା । ସମ୍ବଲପୁର୍, ଝାର୍ସୁଗୁଡ଼ା ଆର୍ କୋରାପୁଟ୍ ର ଗୁଟେ ଜୁଡ଼େ ଜାଗା ନ କମ୍ ନୁ ମଧମ୍ ଧରଣ୍ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।